# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 June - 2024**

**News Editor : *Tapan Kumar Moharana***

******************************************

## ମୁଖ୍ୟ ସମ୍ବାଦ

- ଯୋଗ ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିପାରିଛି; କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

— 'ନିଜ ଓ ସମାଜ ପାଇଁ ଯୋଗ'ର ବାର୍ତ୍ତା ନେଇ ଆଜି ସମଗ୍ର ବିଶ୍ୱରେ ପାଳନ କରାଯାଉଛି ଦଶମ ଅନ୍ତର୍ଜାତୀୟ ଯୋଗଦିବସ

- ନିଟ୍-ୟୁଜି ମେଡ଼ିକାଲ କାଉନ୍‌ସେଲିଂ ପ୍ରକ୍ରିୟା ଉପରେ ନିଷେଧାଦେଶ ଜାରି କରିବାକୁ ପ୍ରତ୍ୟାଖାନ କଲେ ସର୍ବୋଚ୍ଚ ନ୍ୟାୟାଳୟ

- ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତାକାଲି ଦେବସ୍ନାନ ପୂର୍ଣ୍ଣିମା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ

ଏବଂ

- ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ; ପ୍ରଭାବରେ ବିଭିନ୍ନ ଅଂଚଳରେ ବର୍ଷା ସମ୍ଭାବନା

# ଅନ୍ତର୍ଜାତୀୟ ଯୋଗଦିବସ

ସାରା ବିଶ୍ୱରେ ଯୋଗପ୍ରତି ଅଧିକ ଲୋକ ଆକର୍ଷିତ ହେଉଛନ୍ତି । ଯୋଗ କେବଳ ଏକ ବିଦ୍ୟା ନୁହେଁ ବରଂ ବିଜ୍ଞାନ ଅଟେ ବୋଲି **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ କହିଛନ୍ତି । 'ନିଜ ଓ ସମାଜପାଇଁ ଯୋଗ'ର ବାର୍ତ୍ତା ନେଇ ଆଜି ଦଶମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ଶ୍ରୀନଗରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗ ରୋଜଗାରର ମାଧ୍ୟମ ସାଜିଛି । ଯୋଗ-ପର୍ଯ୍ୟଟନ ପ୍ରତି ବିଶେଷକରି ବିଦେଶରେ ଥିବା ଲୋକମାନେ ଆକର୍ଷିତ ହେଉଛନ୍ତି । ଯୋଗ ଉପରେ ବିଶ୍ୱସ୍ତରରେ ଗବେଷଣା ହେଉଛି । ଯୋଗ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ **ରାଜ୍ୟପାଳ** ରଘୁବର ଦାସ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଯୋଗ ଭାରତୀୟ ସଂସ୍କୃତିର ଅମୂଲ୍ୟ ଉପହାର, ଯାହା ପୂରା ବିଶ୍ୱକୁ ସ୍ୱାସ୍ଥ୍ୟ ପ୍ରତି ସଚେତନ କରୁଛି। ସୁସ୍ଥ ମନ ଓ ଶରୀର ପାଇଁ ଯୋଗକୁ ଜୀବନଶୈଳୀର ଏକ ଅଂଶ ଭାବେ ବିବେଚନା କରିବା ଆବଶ୍ୟକ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜି ରାଜ୍ୟସ୍ତରୀୟ ଯୋଗଦିବସ କାର୍ଯ୍ୟକ୍ରମରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ନୂଆ ଓଡ଼ିଶା ଏବଂ ସୁସ୍ଥ ଓଡ଼ିଶା ଗଠନ ଦିଗରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଯୋଗ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାକୁ ସମାଜର ସବୁ ସ୍ତରକୁ ନେବାପାଇଁ ଉଦ୍ୟମ ଜାରି ରହିବ ବୋଲି

ଶ୍ରୀ ମାଝୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ଯୋଗଦିବସ ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଯୋଗ' ଆମକୁ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଭାବେ ସୁସ୍ଥ ରହିବାରେ ସହଯୋଗ କରିଥାଏ। **ଉପମୁଖ୍ୟମନ୍ତ୍ରୀ** କନକ ବର୍ଦ୍ଧନ ସିଂଦେଓ, ନୂଆପଲ୍ଲୀସ୍ଥିତ କସ୍ତୁରବା ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ସମାରୋହରେ ଯୋଗ ଦେଇଛନ୍ତି। ସେହିଭଳି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସାଂସଦ ସମ୍ବିତ ପାତ୍ର କୋଣାର୍କଠାରେ, ବାଚସ୍ପତି ସୁରମା ପାଢ଼ୀ ନୟାଗଡ଼ରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ରାଜ୍ୟ ଖଣି, ଇସ୍ପାତ୍, ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଆସନ, ପ୍ରାଣାୟାମ ଆଦି କରାଯାଇଥିଲା। **ଗଞ୍ଜାମ** ଜିଲ୍ଲା ସଦର ମହକୁମା ଛତ୍ରପୁର ପୁଲିସ୍ ପରେଡ୍ ପଡିଆଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। **କେନ୍ଦ୍ରାପଡା** ଜିଲ୍ଲା ପ୍ରଶାସନ ପକ୍ଷରୁ ଇଚ୍ଛାପୁରସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଯୋଗଦିବସ ପାଳନ କରାଯାଇଛି। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଖୋର୍ଦ୍ଧା** ଜିଲ୍ଲାର ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୋଗଦିବସ ସମାରୋହରେ ବିଭିନ୍ନ ସ୍କୁଲ, କଲେଜ୍ ଛାତ୍ରଛାତ୍ରୀ, ସାମାଜିକ ଅନୁଷ୍ଠାନ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

**ସୁବର୍ଣ୍ଣପୁର**ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗଦିବସରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳା ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଛନ୍ତି। **ରାଉରକେଲା**ଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗଦିବସ ସମାରୋହରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଥିଲେ। ଏହି ଅବସରରେ ସେ କହିଛନ୍ତି....

# - V/O -

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। **କଟକ** ଜିଲ୍ଲାର ଜବାହରଲାଲ୍‌ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ମାହାଙ୍ଗା ବିଧାୟକ ସାରାଦା ପ୍ରଧାନ, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋଶ, ଜିଲ୍ଲାପାଳ ଅରିନ୍ଦମ୍ ଡାକୁଆ ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

କଟକ ଡଗରପଡାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ, ସିଡିଏ ସେକ୍ଟର-୬ ସ୍ଥିତ ଜୟନାରାୟଣ ପାର୍କଠାରେ ସମୂହ ଯୋଗାଭ୍ୟାସ କରାଯାଇଥିଲା। **କେନ୍ଦୁଝର** ସହର ସ୍ଥିତ ହ୍ୟାଣ୍ଡବଲ୍ ପଡିଆଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗ ଦିବସ ଆୟୋଜନ କରାଯାଇଥିଲା। **ଯାଜପୁର** ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଜିଲ୍ଲା ପ୍ରଶାସନ ଓ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୋଗଦିବସ ପାଳନ

କରାଯାଇଛି। **ରାୟଗଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବଗୁଡ଼ା ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗଦିବସ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ମଣିଷ ଜୀବନରେ ଯୋଗର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। **ଦେବଗଡ଼** ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଯୋଗଦିବସ କାର୍ଯ୍ୟକ୍ରମରେ ସାମୂହିକ ଯୋଗାଭ୍ୟାସ କରାଯାଇଛି। **ଢେଙ୍କାନାଳ**ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନିୟମିତ ଯୋଗ ଏବଂ ପ୍ରାଣାୟାମ ଅଭ୍ୟାସ ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଓ ପ୍ରାଣ ସନ୍ତୁଳିତ ରହେ ବୋଲି ମତବ୍ୟକ୍ତ କରିଥିଲେ। **ମାଲକାନଗିରି, ବଲାଙ୍ଗିର, ନୂଆପଡା** ଜିଲ୍ଲାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗଦିବସ ପାଳନ ହୋଇଥିବା ଖବର ଆମର ହସ୍ତଗତ ହୋଇଛି।

# ଏସ୍‌ସି-ନିଟ୍

ନିଟ୍ ୟୁଜି ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ଦର୍ଶାଇ କାଉନ୍‌ସେଲିଂ ପ୍ରକ୍ରିୟା ଉପରେ ନିଷେଧାଦେଶ ଜାରି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ପ୍ରତ୍ୟାଖାନ କରିଛନ୍ତି। ସୁପ୍ରିମକୋର୍ଟ ଜୁଲାଇ ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ। ନୀଟ୍ ପ୍ରବେଶିକା ପରୀକ୍ଷା ସହ ସମ୍ପର୍କିତ ଗ୍ରେସ୍ ମାର୍କ ମାମଲାରେ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ସନ୍ତୋଷଜନକ ଉତ୍ତର ପାଇବା ପରେ

ସୁପ୍ରିମକୋର୍ଟ ନିଷେଧାଦେଶ ଦେବାକୁ ମନା କରିଛନ୍ତି । ଇତିମଧ୍ୟରେ ଗ୍ରେସ୍‌ମାର୍କ ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁଣିଥରେ ଆସନ୍ତା ରବିବାର ଦିନ ପରୀକ୍ଷା ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଯଦି ସେମାନଙ୍କ ମଧ୍ୟରୁ କେହି ପରୀକ୍ଷା ନ ଦିଅନ୍ତି ସେ କ୍ଷେତ୍ରରେ ଏନ୍‌ଟିଏ ପକ୍ଷରୁ ବିନା ଗ୍ରେସ୍‌ମାର୍କରେ ର୍‍ୟାଙ୍କ କାର୍ଡ ଯୋଗାଇ ଦିଆଯିବ ବୋଲି ପୂର୍ବରୁ ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି ।

## ଦେବସ୍ନାନ ପୂର୍ଣ୍ଣିମା

ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତାକାଲି ପବିତ୍ର ଦେବସ୍ନାନ ପୂର୍ଣ୍ଣିମୀ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରୀଜୀଉମାନଙ୍କ ହାତୀବେଶକୁ ଶୃଙ୍ଖଳିତ କରିବା ନେଇ ସ୍ୱତନ୍ତ୍ର ନୀତି ଚୂଡାନ୍ତ କରାଯାଇଛି। ଭୋର୍ ୪ଟା ୩୦ ମିନିଟ୍‌ରେ ମଙ୍ଗଳାର୍ପଣ ପରେ ସକାଳ ୫ଟାରୁ ୭ଟା ମଧ୍ୟରେ ଡୋରଲାଗି ପୁଷ୍ପାଞ୍ଜଳି ହୋଇ ପହଣ୍ଡି ଆରମ୍ଭ ହେବ। ସ୍ୱତନ୍ତ୍ର ନୀତିକାନ୍ତି ପରେ ୧୨ ଟା ୨୦ମିନିଟ୍‌ରୁ ୧୨ଟା ୪୫ ମିନିଟ୍ ମଧ୍ୟରେ ଜଳବିଜେ ଓ ସ୍ନାନନୀତି ହେବ। ଅପରାହ୍ଣ ୩ଟାରେ ଛେରାପହଁରା, ୩ଟା ୪୦ ମିନିଟ୍‌ରେ ହାତୀବେଶ ପରେ ସନ୍ଧ୍ୟା ୭ଟା ୩୦ ମିନିଟ୍ ପରଠାରୁ ସାହାଣମେଳା ଦର୍ଶନ ଆରମ୍ଭ ହେବ। ରାତି ୧୧ଟା ୩୦ ମିନିଟ୍‌ରୁ ରାତି ୨ଟା ମଧ୍ୟରେ ବାହୁଡା ପହଣ୍ଡି ଅନୁଷ୍ଠିତ ହେବ। ସ୍ନାନଯାତ୍ରାକୁ ସୁରୁଖୁରୁରେ ସଂପନ୍ନ କରିବା ନିମନ୍ତେ ୬୮ ପ୍ଲାଟୁନ୍ ଫୋର୍ସ୍ ମୁତୟନ କରାଯିବ ବୋଲି ଏସ.ପି. ପିନାକ ମିଶ୍ର କହିଛନ୍ତି।

ଶ୍ରୀମନ୍ଦିରରେ ଆଜି ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି ନୀତି ବିଳମ୍ବ କାରଣରୁ ସର୍ବସାଧାରଣ ଦର୍ଶନ ବନ୍ଦ ସମୟ  ଅପରାହ୍ଣ ୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେନାପଟା ଲାଗି ପରେ ମହାପ୍ରଭୁଙ୍କର ଦୈନ୍ୟନ୍ଦିନ ନୀତି ଅନୁଷ୍ଠିତ ହେବା ସହ ସର୍ବସାଧାରଣ ଦର୍ଶନ ହୋଇପାରିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି। ମାଲକାନଗିରିରେ ଅଟକି ରହିଥିବା ମୌସୁମୀବାୟୁ ସାମାନ୍ୟ ଅଗ୍ରସର ହୋଇ କୋରାପୁଟ, କଳାହାଣ୍ଡି, ଗଞ୍ଜାମ, ଗଜପତି ଜିଲ୍ଲାକୁ ସ୍ପର୍ଶ କରିଛି। ଆସନ୍ତା ୨ ରୁ ୩ ଦିନ ମଧ୍ୟରେ  ମୌସୁମୀବାୟୁ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ସକ୍ରିୟ ହେବାର ସମ୍ଭାବନା ରହିଛି। ମୌସୁମୀ ପ୍ରଭାବରେ ଆସନ୍ତା ୩ ଦିନ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ପରିମାଣ ବଢ଼ିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ଅନୁଗୁଳ, ମୟୂରଭଞ୍ଜ ଓ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ସୂଚନା ମିଳିଛି। ଆସନ୍ତା ୨୬ ରୁ ୨୮ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି।

*********************************